ଡି. କ୍ରିଷ୍ଣା ଭେନି ଏବଂ ଅନ୍ୟଜଣେ ଇତ୍ୟାଦି

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ଜାନୁଆରୀ 19,1995

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂ-ଅର୍ଜନ ଅଧିନିୟମ, 1894 - ଧାରା 18, 28 – ଏ - କ୍ଷତିପୂରଣ - ଅଧିନିର୍ଣ୍ଣୟ - ପକ୍ଷ ଦ୍ୱାରା ଧାରା 18 ଅଧିନସ୍ଥ ବିଚାରାର୍ଥେ ପ୍ରେରଣ କରାଯାଇଛି - ଧାରା 28 - ଏ ଅଧୀନରେ ପ୍ରସ୍ତାବ ଦିଆଯାଇପାରିବ କି - ବିଚାର କରାଯାଇଛି: ନା, ଯେହେତୁ ପକ୍ଷ ବିଚାରାର୍ଥେ ପ୍ରେରଣ ପ୍ରତିକାର ଉପଯୋଗ କରିଛି - ପୂର୍ବ ନ୍ୟାୟ ପାଇଁ ପ୍ରତିବନ୍ଧକ ମଧ୍ୟ ପ୍ରଯୁଜ୍ୟ ଅଟେ ।*

**କେତେକ ଜମି ଅଧିଗ୍ରହଣ ବାବଦରେ ଉକ୍ତ ଜମି ପାଇଁ କ୍ଷତିପୂରଣ ଦେବା ସହିତ ଜିଲ୍ଲାପାଳ ଫଳ ଗଛ ପିଛା 80/- ଟଙ୍କା ଏବଂ ଫଳହୀନ ଗଛ ପିଛା ସମ୍ପୂର୍ଣ୍ଣ ମୂଲ୍ୟ 60/- ଟଙ୍କା ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ । ବିଚାରାର୍ଥେ ପ୍ରେରଣରେ ଅଧସ୍ତନ-ବିଚାରପତିଙ୍କ ଦ୍ୱାରା ଏହି ଅଧିନିର୍ଣ୍ଣୟକୁ ନିଶ୍ଚିତ କରାଯାଇଥିଲା । ଆବେଦନକାରୀ ଆବେଦନଟିକୁ ପସନ୍ଦ କରିନଥିଲେ । ଯେତେବେଳେ ଅନ୍ୟମାନେ ଆବେଦନ କରିଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ  କ୍ଷତିପୂରଣ ପରିମାଣକୁ ବୃଦ୍ଧି କରି ଫଳଦାୟୀ ଗଛ ପାଇଁ 990/- ଟଙ୍କା ଫଳହୀନ ଗଛ ପାଇଁ 650/- ରଖିଥିଲେ। ଆବେଦନକାରୀମାନେ ଭୂ-ଅର୍ଜନ ଅଧିନିୟମ, 28-ଏ ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ଖାରଜ କରାଯାଇଥିଲା ଏବଂ ପରେ ଏହାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିଲା । ତେଣୁ ଏହି ଆବେଦନଗୁଡ଼ିକ ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ: ଆବେଦନକାରୀମାନେ ଆବେଦନର ପ୍ରତିକାର ଉପଯୋଗ  କରିବାରେ ବିଫଳ ହୋଇଛନ୍ତି ଏବଂ ଜମି ଅଧିଗ୍ରହଣ ଅଧିନିୟମର ଧାରା 18 ଅଧିନସ୍ଥ ବିଚାରାର୍ଥେ ପ୍ରେରଣ ପ୍ରତିକାର ଉପଯୋଗ କରି ସାରିବା ପରେ, ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ କରୁଥିବା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ କ୍ଷତିପୂରଣର ପୁନଃନିର୍ଦ୍ଧାରଣ ପାଇଁ ସେମାନେ ହକଦାର ନୁହଁନ୍ତି । ଧାରା 28-ଏ ସେହି ଦାବିଦାରମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ ବିନା ପ୍ରତିବାଦରେ କ୍ଷତିପୂରଣ ଗ୍ରହଣ କରିଥିଲେ ଏବଂ ବିଚାରାର୍ଥେ ପ୍ରେରଣ ବୈଧାନିକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ଏବଂ ଯେଉଁମାନେ ପୂର୍ବରୁ ବିଚାରାର୍ଥେ ପ୍ରେରଣ ପ୍ରତିକାର ଲାଭ କରିଥିଲେ ଏବଂ ଏହା ଅଧୀନରେ କୌଣସି ଲାଭ କିମ୍ବା କମ୍ ଲାଭ ପାଇ ନଥିଲେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ସମାନ ଭାବରେ ପୂର୍ବ ନ୍ୟାୟ ଉପରେ ପ୍ରତିବନ୍ଧକ ସ୍ୱଷ୍ଟତଃ ଆବେଦନକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ । ତେଣୁ ଧାରା 28 ଅନୁଯାୟୀ ଆବେଦନଟି ଗ୍ରହଣୀୟ  ନୁହେଁ ।**

*ଅନୁସୂଚିତ ଜାତି ସମବାୟ ଜମି ମାଲିକାନା ସୋସାଇଟି ଲିମିଟେଡ୍, ଭଟିଣ୍ଡା ବନାମ ଭାରତ ସଂଘ ଏବଂ ଅନ୍ୟାନ୍ୟ,* ***ଏ. ଆଇ.*** **ଆର୍. (1991) ଏସ୍. ସି. 738 ଏବଂ** *ବାବୁଆ ରାମ ଏବଂ ଅନ୍ୟାନ୍ୟ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ,* ***ଜେ. ଟି. (1994) 7*** **ଏସ୍. ସି. 377 ଉପରେ ନିର୍ଭର କରାଗଲା ।**

**ଦେୱାନୀ ଆବେଦନ ଅଧିକାରିତା**: ଦେୱାନୀ ଆବେଦନ ସଂଖ୍ୟା 1696/1995 ଇତ୍ୟାଦି

ଓ. ଜେ. ସି. ସଂଖ୍ୟା 965/1992 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 08. 02.93 ରିଖର ରାୟ ଏବଂ ଆଦେଶରୁ।

ଆବେଦନକାରୀଙ୍କ ପାଇଁ ୱାଇ. ପି. ରାଓ ।

ଉତ୍ତରଦାତାମାନଙ୍କ ପାଇଁ ଏ. କେ. ପଣ୍ଡା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଭୂ-ଅର୍ଜନ ଅଧିନିୟମ 1,1894 ସଂକ୍ଷେପରେ "ଅଧିନିୟମ"ର ଧାରା 4(1) ରେ ଅନ୍ତର୍ଗତ ଅଧିସୂଚନା 11 ଅଗଷ୍ଟ 1971ରେ ପ୍ରକାଶିତ ହୋଇଥିଲା, ଯାହା ଅଧୀନରେ ଓଡ଼ିଶା ରାଜ୍ୟର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବିକ୍ରମପୁର ଗୋଲାବନ୍ଧ ବସ୍ତି ପଲ୍ଲୀରେ ପ୍ରାୟ 700 ଏକର ଜମିର ଅଧିଗ୍ରହଣ କରାଯାଇଛି । ଅକ୍ଟୋବର 18, 1976 ତାରିଖର ଅଧିନିର୍ଣ୍ଣୟ ଅନୁଯାୟୀ, ଭୂ-ଅର୍ଜନ ଅଧିକାରୀ ବଜାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ । ଧାରା 18 ଅଧିନସ୍ଥ ବିଚାରାର୍ଥେ ପ୍ରେରଣରେ, ବିଜ୍ଞ ଅଧସ୍ତନ ବିଚାରପତି ତାଙ୍କ ଅଗଷ୍ଟ 21,1986 ତାରିଖର ଅଧିନିର୍ଣ୍ଣୟ ଓ ଡିକ୍ରି ଦ୍ୱାରା ଜମିର କ୍ଷତିପୂରଣ ସହିତ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ରାଶି ଫଳଯୁକ୍ତ ଗଛ ପିଛା 80 ଟଙ୍କା ଓ ଅଣ-ଫଳଯୁକ୍ତ ଗଛ ପିଛା 60 ଟଙ୍କାକୁ ସମ୍ପୂର୍ଣ୍ଣ ମୂଲ୍ୟ ଭାବେ ନିଶ୍ଚିତ କରିଛନ୍ତି । ଆବେଦନକାରୀ ଏହି ମାମଲାକୁ ଆବେଦନରେ ନେଇ ନଥିଲେ । ଯେତେବେଳେ ଅନ୍ୟମାନେ ଅଧିନିୟମର ଧାରା 54 ଅନୁଯାୟୀ ଆବେଦନ କରିଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ ଡିସେମ୍ବର 12,1989 ରେ ତାଙ୍କର ରାୟ ଏବଂ ଡିକ୍ରି ଦ୍ୱାରା ଫଳ ଧାରଣ କରୁଥିବା ଗଛର କ୍ଷତିପୂରଣକୁ 990/- ଟଙ୍କା ଏବଂ ଅଣ-ଫଳଯୁକ୍ତ ଗଛ ପାଇଁ 650/- ଟଙ୍କାକୁ ବୃଦ୍ଧି କରିଥିଲେ । ତେଣୁ ଆବେଦନକାରୀମାନେ ଭୂ-ଅର୍ଜନ ଅଧିନିୟମର ଧାରା 28-ଏ ଅଧୀନରେ ପୁନଃନିର୍ଦ୍ଧାରଣ ପାଇଁ ମେ 23,1990 ରେ ଏକ ଆବେଦନ ପତ୍ର ଦାଖଲ କରିଥିଲେ । ଭୂ - ଅର୍ଜନ ଅଧିକାରୀ ଏହି ଆବେଦନପତ୍ରକୁ ଖାରଜ କରିଦେଇଥିଲେ ଏବଂ ତା 'ପରେ ଉଚ୍ଚ ନ୍ୟାୟାଳୟ 1993 ମସିହା ଫେବୃଆରୀ 8 ତାରିଖର ତାଙ୍କ ଆଦେଶ ଦ୍ୱାରା ଓ. ଜେ. ସି. ସଂଖ୍ୟା 965/92 ରେ ଏହାକୁ ନିଶ୍ଚିତ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ଏହା ଯୁକ୍ତି କରାଯାଇଛି ଯେ ଯେତେବେଳେ ଉଚ୍ଚ ନ୍ୟାୟାଳୟ ଭୂ-ଅର୍ଜନ ଅଧିନିୟମର ଧାରା 28-ଏ ର କାର୍ଯ୍ୟକାରିତା ଦ୍ୱାରା ଅଧିକ କ୍ଷତିପୂରଣ ପ୍ରଦାନ କରିଥିଲେ, ଆବେଦନକାରୀମାନେ ମଧ୍ୟ ସମାନ ଲାଭ ପାଇବାକୁ ହକଦାର ଅଟନ୍ତି । ଏହି ନ୍ୟାୟାଳୟଙ୍କର ଦୁଇଟି ରାୟ ଯଥା ଏ. ଆଇ. ଆର୍. 1991 ଏସ୍. ସି. 738 ରେ ସୂଚିତ ହୋଇଥିବା *ଅନୁସୂଚିତ ଜାତି ସମବାୟ ଜମି ମାଲିକାନା ସୋସାଇଟି ଲିମିଟେଡ୍, ଭଟିଣ୍ଡା ବନାମ ଭାରତ ସଂଘ ସରକାର ଏବଂ ଅନ୍ୟମାନେ ଏବଂ ଜେ. ଟି. 1994 (7)* 377ରେ ସୂଚିତ ହୋଇଥିବା *ବାବୁଆ ରାମ* ଏବଂ *ଅନ୍ୟମାନେ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ ରେ ଏହି ପ୍ରସଙ୍ଗଟି ଏବେ ସ୍ପଷ୍ଟ ରୂପେ ଅନ୍ତର୍ଭୁକ୍ତ* କରାଯାଇଛି । ଆବେଦନକାରୀମାନେ ଆବେଦନର ପ୍ରତିକାରର ଲାଭ କରିବାରେ ବିଫଳ ହୋଇଛନ୍ତି ଏବଂ ଧାରା 18 ଅଧିନସ୍ଥ ବିଚାରାର୍ଥେ ପ୍ରେରଣ ପ୍ରତିକାର ଉପଯୋଗ କରି ସାରିବା ପରେ, ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ କରୁଥିବା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ କ୍ଷତିପୂରଣର ପୁନଃନିର୍ଦ୍ଧାରଣ ପାଇଁ ସେମାନେ ହକଦାର ନୁହଁନ୍ତି । ଧାରା 28-ଏ ସେହି ଦାବିଦାରମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ ବିନା ପ୍ରତିବାଦରେ କ୍ଷତିପୂରଣ ଗ୍ରହଣ କରିଥିଲେ ଏବଂ ବିଚାରାର୍ଥେ ପ୍ରେରଣରେ ବୈଧାନିକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ଏବଂ ଯେଉଁମାନେ ପୂର୍ବରୁ ବିଚାରାର୍ଥେ ପ୍ରେରଣ ପ୍ରତିକାର ଉପଯୋଗ କରିଥିଲେ ଏବଂ ଏହା ଅଧୀନରେ କୌଣସି ଲାଭ କିମ୍ବା କମ୍ ଲାଭ ପାଇ ନଥିଲେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ସମାନ ଭାବରେ ପୂର୍ବ ନ୍ୟାୟ ଉପରେ ପ୍ରତିବନ୍ଧକ ସ୍ପଷ୍ଟତଃ ଆବେଦନକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ । ତେଣୁ ଧାରା 28-ଏ ଅଧୀନରେ ଥିବା ଆବେଦନଟି ଗ୍ରହଣୀୟ ନୁହେଁ । ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁସାରେ ଜିଲ୍ଲାପାଳ ଓ *ଉଚ୍ଚ ନ୍ୟାୟାଳୟ* ଅନୁରୂପ ରାଶି ପ୍ରଦାନ କରିବାକୁ ଯଥାର୍ଥରେ ମନା କରିଦେଇଥିଲେ ।

ତଦନୁସାରେ ଆବେଦନଟିକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଅନୁମତି ପ୍ରଦାନ କରାଗଲା ।

ଭୂ-ଅର୍ଜନ ଅଧିନିୟମର ଧାରା 4(1) ରେ ଅନ୍ତର୍ଗତ ଅଧିସୂଚନା 11 ଅଗଷ୍ଟ 1971ରେ ପ୍ରକାଶିତ ହୋଇଥିଲା, ଯାହା ଅଧୀନରେ ଓଡ଼ିଶା ରାଜ୍ୟର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବିକ୍ରମପୁର ଗୋଲାବନ୍ଧ ବକ୍ସି ପଲ୍ଲୀରେ ପ୍ରାୟ 700 ଏକର ଜମିର ଅଧିଗ୍ରହଣ କରାଯାଇଛି । ଭୂ-ଅର୍ଜନ ଅଧିକାରୀ ତାଙ୍କର ଜୁନ୍ 22, 1974 ତାରିଖର ଅଧିନିର୍ଣ୍ଣୟ ଅନୁଯାୟୀ ବଜାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ । ଧାରା 18 ଅଧିନସ୍ଥ ବିଚାରାର୍ଥେ ପ୍ରେରଣରେ, ବିଜ୍ଞ ଅଧସ୍ତନ ବିଚାରପତି ତାଙ୍କ ଜାନୁଆରୀ 31,1985 ତାରିଖର ଅଧିନିର୍ଣ୍ଣୟ ଓ ଡିକ୍ରି ଦ୍ୱାରା ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ରାଶିକୁ ନିଶ୍ଚିତ କରିଥିଲେ । ଆବେଦନକାରୀ ଏହି ମାମଲାକୁ ଆବେଦନରେ ଗ୍ରହଣ ନେଇ ନଥିଲେ । ଯେତେବେଳେ ଅନ୍ୟମାନେ ଭୂ-ଅର୍ଜନ ଅଧିନିୟମର ଧାରା 54 ଅନୁଯାୟୀ ଆବେଦନ କରିଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ ତାଙ୍କର ଏପ୍ରିଲ 21,1992 ତାରିଖର ରାୟ ଦ୍ୱାରା ଫଳ ଧାରଣ କରୁଥିବା ଗଛର କ୍ଷତିପୂରଣକୁ 990/- ଟଙ୍କା ଏବଂ ଅଣ-ଫଳଯୁକ୍ତ ଗଛ ପାଇଁ 650/- ଟଙ୍କାକୁ ବୃଦ୍ଧି କରିଥିଲେ । ତେଣୁ ଆବେଦନକାରୀମାନେ ଭୂ-ଅର୍ଜନ ଅଧିନିୟମର ଧାରା 26-ଏ ଅଧୀନରେ ପୁନଃନିର୍ଦ୍ଧାରଣ ପାଇଁ ନଭେମ୍ବର 21,1992 ରେ ଏକ ଆବେଦନ ଦାଖଲ କରିଥିଲେ । ଭୂ - ଅର୍ଜନ ଅଧିକାରୀ ଏହି ଆବେଦନକୁ ଖାରଜ କରିଦେଇଥିଲେ ଏବଂ ତା 'ପରେ ଉଚ୍ଚ ନ୍ୟାୟାଳୟ 1993 ମସିହା ଏପ୍ରିଲ 30 ତାରିଖର ତାଙ୍କ ଆଦେଶ ଦ୍ୱାରା ଓ. ଜେ. ସି. ସଂଖ୍ୟା 24/93 ରେ ଏହାକୁ ନିଶ୍ଚିତ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ଏହା ଯୁକ୍ତି କରାଯାଇଛି ଯେ ଯେତେବେଳେ ଉଚ୍ଚ ନ୍ୟାୟାଳୟ ଭୂ-ଅର୍ଜନ ଅଧିନିୟମ ଧାରା 28-ଏ ର କାର୍ଯ୍ୟକାରିତା ଦ୍ୱାରା ଅଧିକ କ୍ଷତିପୂରଣ ପ୍ରଦାନ କରିଥିଲେ, ଆବେଦନକାରୀମାନେ ମଧ୍ୟ ସମାନ ଲାଭ ପାଇବାକୁ ହକଦାର ଅଟନ୍ତି । ଏହି ନ୍ୟାୟାଳୟଙ୍କର ଦୁଇଟି ରାୟ ଯଥା ଏ. ଆଇ. ଆର୍. 1991 ଏସ୍. ସି. 738ରେ ସୂଚିତ ହୋଇଥିବା *ଅନୁସୂଚିତ ଜାତି ସମବାୟ ଜମି ମାଲିକାନା ସୋସାଇଟି ଲିମିଟେଡ୍, ଭଟିଣ୍ଡା ବନାମ ଭାରତ ସଂଘ ସରକାର ଏବଂ ଅନ୍ୟମାନେ ଏବଂ ଜେ. ଟି. 1994 (7) 377ରେ* ସୂଚିତ ହୋଇଥିବା *ବାବୁଆ ରାମ ଏବଂ ଅନ୍ୟମାନେ ବନାମ ୟୁ. ପି. ଏବଂ ଅନ୍ୟମାନେ ରେ* ଏହି ପ୍ରସଙ୍ଗଟି ଏବେ ସ୍ପଷ୍ଟ ରୂପେ ଅନ୍ତର୍ଭୂକ୍ତ କରାଯାଇଛି । ତେଣୁ, ଧାରା 28-ଏ ଅଧୀନରେ ଥିବା ଆବେଦନଟି ଗ୍ରହଣୀୟ ନୁହେଁ । ଜିଲ୍ଲାପାଳ ଓ ଉଚ୍ଚ ନ୍ୟାୟାଳୟ ଏହି ନ୍ୟାୟାଳୟଙ୍କର ରାୟ ଅନୁରୂପ ରାଶି ପ୍ରଦାନ କରିବାକୁ ଯଥାର୍ଥରେ ମନା କରିଦେଇଥିଲେ ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.　　　　　　　　　　　　　　　　　　ଆବେଦନଟି ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଅନୁବାଦିକା: ତପସ୍ୱିନୀ ବିଶ୍ୱାଳ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ,

କଟକ ।